# NATIONAL NEWS BULLETIN (ODIA)

**27 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂର ଓ ଅପରେସନ ମହାଦେବ ଆତଙ୍କବାଦ ପୃଷ୍ଟପୋଷକଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇଛି, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଉପରେ ଗଠିତ ବିଭିନ୍ନ ସମିତିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀ ଆସନ୍ତା ଶୁକ୍ରବାର ଭୁବନେଶ୍ୱରଠାରେ

–ପ୍ରଥମଥର ପାଇଁ ଦିଲ୍ଲୀ ବାହାରେ ହେବ ସମ୍ମିଳନୀ

- ଏକ ଅନିଶ୍ଚିତ ଭୂରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସଶସ୍ତ୍ରବାହିନୀକୁ ସମସ୍ତ ପ୍ରକାର ସୁରକ୍ଷା ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ, କହିଲେ ପ୍ରତିରକ୍ଷାମନ୍ତ୍ରୀ
- ଗାଜା ସେନା ସ୍ପଷ୍ଟ କରିଛି ନାଶେର ହସ୍ପିଟାଲ ଉପରେ ହୋଇଥିବା ଦୁଇଟି ଆକ୍ରମଣ ହମାସ ଦ୍ୱାରା ଇସ୍ରାଏଲ୍ ପ୍ରତିରକ୍ଷାବାହିନୀକୁ ଲକ୍ଷ୍ୟ କରାଯାଇ ଖଞ୍ଜାଯାଇଥିବା କ୍ୟାମେରା ଉପରେ କରାଯାଇଥିଲା

ଏବଂ

- ଆଇପିଏଲ୍‌ରୁ ଅବସର ଘୋଷଣା କଲେ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନୀ

## ଶାହା–ଅପରେସନ ମହାଦେବ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ଅପରେସନ ସିନ୍ଦୂର ଏବଂ ଅପରେସନ ମହାଦେବ ଆତଙ୍କବାଦ ପୃଷ୍ଠପୋଷକଙ୍କୁ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛି। ଭାରତୀୟ ନାଗରିକଙ୍କ ଜୀବନ ସହିତ ଖେଳିବାର ପରିଣାମ

ସେମାନେ ବୁଝିପାରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ଅପରେସନ ମହାଦେବକୁ ସଫଳତାର ସହ କାର୍ଯ୍ୟକାରୀ କରିଥିବା ସୁରକ୍ଷାକର୍ମୀଙ୍କୁ ଶ୍ରୀ ଶାହା ଆଜି ଭେଟି ସମ୍ମାନିତ କରିଛନ୍ତି । ସେମାନଙ୍କ ମଧ୍ୟରେ ଭାରତୀୟ ସେନା, ଜାମ୍ମୁ କାଶ୍ମୀର ପୋଲିସ୍ ଏବଂ ସିଆର୍‌ପିଏଫ୍ ଯବାନ ଅଛନ୍ତି ।

ଶ୍ରୀ ଶାହା କହିଛନ୍ତି, ଅପରେସନ ସିନ୍ଦୂର ଲୋକଙ୍କ ମଧ୍ୟରେ ସନ୍ତୋଷ ଆଣିଥିଲା ଏବଂ ଅପରେସନ ମହାଦେବ ସନ୍ତୋଷକୁ ବିଶ୍ୱାସରେ ପରିଣତ କରିଛି । ଅପରେସନ ମହାଦେବରେ ନିହତ ଆତଙ୍କବାଦୀ ପହଲଗାମ ଆକ୍ରମଣ ଘଟଣାରେ ସଂଶ୍ଲିଷ୍ଟ ଥିଲେ ବୋଲି ଏନଆଇଏର ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରୀ ପ୍ରମାଣିତ କରିଛି ।

---

## ଅଧ୍ୟକ୍ଷ ଜାତୀୟ ସମ୍ମିଳନୀ

ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ଉପରେ ଗଠିତ ବିଭିନ୍ନ ସମିତିର ଅଧ୍ୟକ୍ଷଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆସନ୍ତା ଶୁକ୍ରବାର ଦିନ ଭୁବନେଶ୍ୱରଠାରେ ଆରମ୍ଭ ହେବ । ଲୋକସଭା ବାଚସ୍ପତି ଓମ୍ ବିର୍ଲା ସମ୍ମିଳନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ବିର୍ଲା ଏହି ଅବସରରେ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ସ୍ମରଣିକାକୁ ମଧ୍ୟ ଉନ୍ମୋଚନ କରିବେ । ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ସଂସଦ ଏବଂ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ସମେତ ୧୨୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିବେ । 'ଅନୁସୂଚିତ ଜାତି ଏବଂ ଜନଜାତିଙ୍କ କଲ୍ୟାଣ, ବିକାଶ ଓ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା ସମିତିଗୁଡ଼ିକର ଭୂମିକା' ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ଅନୁସୂଚିତ ଜାତି ଓ ଜନଜାତିଙ୍କ ସଶକ୍ତୀକରଣ ଲକ୍ଷ୍ୟନେଇ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ସେମାନଙ୍କ ସାମାଜିକ ଓ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ବିଭିନ୍ନ

ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ କାର୍ଯ୍ୟକାରୀ ହୋଇଥିବା ସର୍ବୋତ୍ତମ ବ୍ୟବସ୍ଥା ନେଇ ଏହି ସମ୍ମିଳନୀରେ ମତ ବିନିମୟ ହେବ। ୨୦୪୭ ବିକଶିତ ଭାରତ ସ୍ୱପ୍ନ ହାସଲ ପାଇଁ କଲ୍ୟାଣକାରୀ ନୀତିଗୁଡ଼ିକର କାର୍ଯ୍ୟକାରିତାର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାରେ ଏହି କମିଟିଗୁଡ଼ିକର ଭୂମିକା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ପ୍ରଥମଥର ପାଇଁ ଏହି ସମ୍ମିଳନୀ ଦିଲ୍ଲୀ ବାହାରେ ଆୟୋଜିତ ହେବ।

---

## ପ୍ରେଜ୍-ଗଣେଶପୂଜା

ସମଗ୍ର ଦେଶରେ ଆଜି ଗଣେଶ ଚତୁର୍ଥୀ ପାଳନ କରାଯାଉଛି । ବିଘ୍ନରାଜଙ୍କ ପୂଜାର୍ଚ୍ଚନା ଲାଗି ଦେଶ ଉତ୍ସବମୁଖର ହୋଇଉଠିଛି । ମହାରାଷ୍ଟ୍ରରେ ୧୦ଦିନ ବ୍ୟାପି ଗଣପତିଙ୍କ ପର୍ବ ଆଜିଠାରୁ ଆରମ୍ଭ ହୋଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି, ଗଣେଶ ଚତୁର୍ଥୀ ଜ୍ଞାନ ଓ ସୂକ୍ଷ୍ମ ବୁଦ୍ଧିର ନିୟନ୍ତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିଭାବ ପ୍ରଦର୍ଶନ କରୁଛି । ପ୍ରଭୁ ଗଣପତି ପ୍ରତ୍ୟେକ ବ୍ୟକ୍ତିଙ୍କ ବାଧାବିଘ୍ନ ଦୂର କରିବା ସହ ଜାତିର ପ୍ରଗତିରେ ସହାୟକ ହେବେ ବୋଲି ସେ କାମନା କରିଛନ୍ତି । ଏହି ଅବସରରେ ଏକ ଦୃଢ଼ ଏବଂ ଆତ୍ମନିର୍ଭର ଦେଶ ଗଠନରେ ବ୍ରତୀ ହେବା ଲାଗି ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ସମସ୍ତଙ୍କର ମଙ୍ଗଳ ମଧ୍ୟ କାମନା କରିଛନ୍ତି । ବିଘ୍ନବିନାଶକ ପ୍ରଭୁ ଗଣେଶ ସମସ୍ତଙ୍କର ମଙ୍ଗଳ କରନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି ।

## ରାଜନାଥ-ଡିଫେନ୍ସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି କହିଛନ୍ତି, ଏକ ଅନିଶ୍ଚିତ ଭୂ-ରାଜନୈତିକ ପରିବେଶକୁ ଦୃଷ୍ଟିରେ ରଖି ସଶସ୍ତ୍ରବାହିନୀକୁ ସମସ୍ତ ପ୍ରକାର ସୁରକ୍ଷା ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ, ଯେଉଁଥିରେ ୫ ବର୍ଷର ଯୁଦ୍ଧ ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ ।

ମଧ୍ୟପ୍ରଦେଶର ମାହୋ ଠାରେ ଆର୍ମି ୱାର୍ କଲେଜରେ 'ରଣ ସମ୍ବାଦରେ' ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଆଜିର ଯୁଗରେ ଯୁଦ୍ଧ ଅଚାନକ ଓ ଅନିଶ୍ଚିତ ହୋଇଯାଇଛି । କେଉଁ ଯୁଦ୍ଧ କେବେ ଶେଷ ହେବ ଏବଂ କେତେଦିନ ପର୍ଯ୍ୟନ୍ତ ଚାଲିବ, ତାହା ଅନୁମାନ କରିବା କଷ୍ଟକର ବୋଲି ଶ୍ରୀ ସିଂ କହିଛନ୍ତି ।

## ୟୁଏନ୍-ଜିଏ ରିଫର୍ମ

ସପ୍ତଦଶ ଥର ପାଇଁ ଜାତିସଂଘ ସାଧାରଣସଭାର ସୁରକ୍ଷା ପରିଷଦ ସଂସ୍କାର ଆଲୋଚନାକୁ ସ୍ଥଗିତ ରଖାଯାଇ ତାହାକୁ ପରବର୍ତ୍ତୀ ଅଧିବେଶନକୁ ପଠାଇ ଦିଆଯାଇଛି । ଏଭଳି ବିଳମ୍ବକୁ ଜି-୪ ରାଷ୍ଟ୍ର ଭାରତ, ବ୍ରାଜିଲ, ଜର୍ମାନୀ ଏବଂ ଜାପାନ ସମାଲୋଚନା କରିଛନ୍ତି । ଏହାକୁ ଜାତିସଂଘରେ ବିଶ୍ୱସ୍ତରୀୟ ବିଶ୍ୱାସ ପାଇଁ ଏକ ସଂକଟ ବୋଲି ସେମାନେ ଅଭିହିତ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଜି-୪ ସାଧାରଣ ପରିଷଦରେ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟ ବିସ୍ତାରକୁ ସମର୍ଥନ କରେ ।

ଭାରତ, ବ୍ରାଜିଲ ଏବଂ ଜର୍ମାନୀ ପକ୍ଷରୁ ନେତୃତ୍ୱ ନେଇ ଜାପାନ କହିଛି ଯେ ସାଧାରଣ ସଭାର ବିଫଳତା ମିଳିତ ଜାତିସଂଘ ଉପରେ ବିଶ୍ୱାସ ଏବଂ ଅନ୍ତର୍ଜାତୀୟ କ୍ରମ ବଜାୟ ରଖିବା କ୍ଷମତାକୁ ହ୍ରାସ କରିଛି। ସାଧାରଣ ପରିଷଦରେ ସ୍ଥାୟୀ ସଦସ୍ୟ ସଂଖ୍ୟା ବୃଦ୍ଧି କରିବା ଏବଂ ଆସନ ପାଇଁ ପରସ୍ପରକୁ ସମର୍ଥନ କରିବା ପାଇଁ ଜି-୪ର ଚାରି ରାଷ୍ଟ୍ର ଅଭିପ୍ରେତ । ଜାପାନର ଜାତିସଂଘ ମିଶନରେ ମନ୍ତ୍ରୀ ଇରିଆ ଟାକାୟୁକି କହିଛନ୍ତି ଯେ, ସୁରକ୍ଷା ପରିଷଦ ସଂସ୍କାରରେ କ୍ରମାଗତ ବିଫଳତା ଏକ ପ୍ରସଙ୍ଗ ପାଲଟିଯାଇଛି, ଯାହା ପରିଷଦର କର୍ତ୍ତୃତ୍ୱଠାରୁ ବହୁ ଦୂରରେ ରହିଛି।

ସେ ଆହୁରି କହିଛନ୍ତି ଯେ ଇଟଲି ଏବଂ ପାକିସ୍ତାନ ନେତୃତ୍ୱରେ ଗଠିତ ୟୁନାଇଟିଙ୍ଗ୍ ଫର୍ କନ୍‌ସେନ୍‌ସସ ଗୋଷ୍ଠୀର ବିରୋଧ ଯୋଗୁଁ ଆଲୋଚନାକୁ ସ୍ଥଗିତ ରଖାଯାଇଛି ।

ତେଣୁ ଜି-୪ ଏବଂ ଅଧିକାଂଶ ଦେଶ ଏ ନେଇ ବିସ୍ତୃତ ଆଲୋଚନା ଦାବି କରିଛନ୍ତି। ସାଧାରଣ ପରିଷଦର ସଭାପତି ଫିଲୋମେନ୍ ୟାନ୍‌ଙ୍କ ମୁଖପାତ୍ର ସାରୋନ୍ ବିର୍ଚି କହିଛନ୍ତି ଯେ ଜାତିସଂଘ ୮୦ତମ ବର୍ଷରେ ପ୍ରବେଶ କରିବା ସହିତ ନିରାପତ୍ତା ପରିଷଦରେ ସଂସ୍କାର ଆଣିବା ପାଇଁ ଦୃଢ଼ ଭିତ୍ତିଭୂମି ସୃଷ୍ଟି କରିଥିଲା ।

ତେବେ ପରିଷଦର ଶେଷ ସଂସ୍କାର ୫୭ ବର୍ଷ ପୂର୍ବେ ୪ଟି ଅସ୍ଥାୟୀ ସଦସ୍ୟଙ୍କୁ ଯୋଡ଼ା ଯାଇଥିଲା, ପରେ ସେମାନଙ୍କ ସଂଖ୍ୟା ୧୦ରେ ପହଞ୍ଚିଥିଲା । କିନ୍ତୁ ସ୍ଥାୟୀ ସଦସ୍ୟଙ୍କ ତାଲିକାରେ କୌଣସି ରାଷ୍ଟ୍ରଙ୍କୁ ଯୋଡ଼ାଯାଇ ନାହିଁ ।

---

## ଗାଜା ଆଟାକ୍

ଇସ୍ରାଏଲ୍ ସେନା ସ୍ପଷ୍ଟ କରିଛି ଯେ ଗାଜାର ନାଶେର୍ ହସ୍ପିଟାଲ ଉପରେ ହୋଇଥିବା ଦୁଇଟି ଆକ୍ରମଣ ହମାସ୍ ଦ୍ୱାରା ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀକୁ ଲକ୍ଷ୍ୟ କରାଯାଇ ଖଞ୍ଜାଯାଇଥିବା କ୍ୟାମେରାରକୁ କରାଯାଇଥିଲା । ତଥାପି ଇସ୍ରାଏଲ୍ ସେନା ଏହାର ଦାବିକୁ ସମର୍ଥନ କରିବା ପାଇଁ କୌଣସି ପ୍ରମାଣ ଦେଇନାହିଁ । ଏହି ଆକ୍ରମଣରେ ୫ ଜଣ ସାମ୍ବାଦିକ ଓ ଅନେକ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଅତିକମ୍‌ରେ ୨୦ଜଣଙ୍କର ମୃତ୍ୟୁ ଘଟିଛି । ଏହି ହସ୍ପିଟାଲ ଦକ୍ଷିଣ ଗାଜାରେ ଆଂଶିକ ଭାବେ କାର୍ଯ୍ୟକ୍ଷମ ଥିଲା ।

ଇସ୍ରାଏଲ୍ ସାମରିକ ମୁଖ୍ୟ ଇୟାଲ୍ ଜମିରଙ୍କ କହିବା ଅନୁଯାୟୀ, ମୃତକଙ୍କ ମଧ୍ୟରୁ ୬ ଜଣ ହମାସ୍ ଓ ଇସ୍‌ଲାମିକ ଜେହାଦର ଆତଙ୍କବାଦୀ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ୍ ଉପରେ ହମାସ କରିଥିବା ଆକ୍ରମଣରେ ସାମିଲ ଥିଲା ବୋଲି ଜଣାପଡ଼ିଛି । ତେବେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହି ଆକ୍ରମଣ ପାଇଁ ଦୁଃଖ ପ୍ରକାଶ କରିଛନ୍ତି ।

---

## ରାଜସ୍ଥାନ-ଡଗ୍‌ସ

ବୁଲାକୁକୁରଙ୍କ ଉପରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ରାଜସ୍ଥାନ ଏକ ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛି । ସ୍ଥାନୀୟ ସଂସ୍ଥା, ସଂଶ୍ଳିଷ୍ଟ ବିଭାଗ, ସମସ୍ତ ପୌରନିଗମ ଏବଂ ପୌରପାଳିକାକୁ ଏହି ମାର୍ଗଦର୍ଶିକା କାର୍ଯ୍ୟକାରି କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ପ୍ରାଣୀ ଜନ୍ମ ନିୟନ୍ତ୍ରଣ ଆଇନ-୨୦୨୩କୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି । ମାର୍ଗଦର୍ଶିକା ଅନୁଯାୟୀ ସ୍ଥାନୀୟ ସଂସ୍ଥା, ପ୍ରତ୍ୟେକ ୱାର୍ଡ ତଥା ଅନ୍ୟ ଅଞ୍ଚଳରେ କୁକୁରଙ୍କ ପାଇଁ ଖାଦ୍ୟ ପ୍ରଦାନ ସ୍ଥାନ ଚିହ୍ନଟ କରିବେ । ପ୍ରତ୍ୟେକ ସହରରେ ବୁଲାକୁକୁରଙ୍କ ବନ୍ଧ୍ୟାକରଣ, ରାବିଜ୍ ଟିକାକରଣ ଏବଂ ସଂକ୍ରମଣ ନିରାକରଣ କେନ୍ଦ୍ର ପ୍ରତିଷ୍ଠା

କରାଯିବ । ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ପାଇଁ ଏହି କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ସହରରେ ତଦାରଖ କମିଟି ଗଠନ କରିବାକୁ ମଧ୍ୟ କୁହାଯାଇଛି ।

## ଅଶ୍ୱିନୀ-ରିଟାୟାର୍ଡ

କ୍ରିକେଟର ରବିଚନ୍ଦ୍ରନ୍ ଅଶ୍ୱିନୀ ଆଇପିଏଲ୍‌ରୁ ଅବସର ଘୋଷଣା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଅଶ୍ୱିନୀ କହିଛନ୍ତି, ଅନ୍ୟାନ୍ୟ କ୍ରିକେଟ୍ ଲିଗ୍‌ରେ ଖେଳିବା ପାଇଁ ସେ ପ୍ରୟାସ କରିବେ । ଆଇପିଏଲ୍ କ୍ରିକେଟ୍ ଲିଗ୍‌ରେ ଶ୍ରୀ ଅଶ୍ୱିନୀ ଚତୁର୍ଥ ସର୍ବାଧିକ ଓ୍ୱିକେଟ୍ ହାସଲକାରୀ ବୋଲର ଭାବେ ପରିଗଣିତ ହୋଇଛନ୍ତି । ୨୨୧ଟି ମ୍ୟାଚ୍‌ରୁ ସେ ୧୮୭ଟି ଓ୍ୱିକେଟ୍ ହାସଲ କରିଛନ୍ତି। ୧୪ବର୍ଷର କ୍ରିକେଟ୍ କ୍ୟାରିୟର ମଧ୍ୟରେ ଶ୍ରୀ ଅଶ୍ୱିନୀ ଚେନ୍ନାଇ ସୁପର୍‌କିଙ୍ଗ୍‌ସ, ରାଇଜିଂ ପୁନେ ସୁପରଜ୍ୟାଣ୍ଟ୍, ପଞ୍ଜାବ କିଙ୍ଗ୍‌ସ, ଦିଲ୍ଲୀ କ୍ୟାପିଟାଲ୍‌ସ ଏବଂ ରାଜସ୍ଥାନ ରୟାଲ୍‌ସ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି ।